



# ୩୬

# ସର୍ବସାଧାରଣଙ୍କ ଅଭିଯୋଗ ଏବଂ ଏହାର ପ୍ରତିକାର ବ୍ୟବସ୍ଥା

## (Public Grievances and Redressal Machinery)

### ଉପକ୍ରମ :

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ସରକାର ଗଠନ କରିଥା'ନ୍ତି ଓ ଏହି ସରକାର ନାଗରିକମାନଙ୍କ ନିକଟରେ ଉତ୍ତରଦାୟୀ ରହେ । ଅମଲାତନ୍ତ୍ରୀ ସରକାରକୁ ଚଳାନ୍ତି । ନାଗରିକମାନଙ୍କୁ ସେବା ପ୍ରଦାନ କରିବା ଅପେକ୍ଷା ନିୟମ କାନୁନ୍‌କୁ ମାନି ଚଳିବାକୁ ଅମଲାତନ୍ତ୍ରୀ ବିଶେଷ ଭାବରେ ପ୍ରାଧାନ୍ୟ ଦେଇଥାଆନ୍ତି । ପ୍ରଶାସନିକ ଗୋପନୀୟତା (Secrecy) ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥାଏ ।

ଉପଯୁକ୍ତ ସେବା ପ୍ରଦାନ କରିବାରେ ଅମଲାତନ୍ତ୍ରୀ ଅସମର୍ଥ ହେଲେ ସରକାରଙ୍କ ନିକଟରେ ନାଗରିକ ଅଭିଯୋଗ ଆଗତ କରିଥାଏ । ନାଗରିକମାନଙ୍କର ସମସ୍ତ ଅଭିଯୋଗ ସରକାର ଶୁଣିବାକୁ ବାଧ୍ୟ । ସେହି ଅଭିଯୋଗ ଗୁଡ଼ିକର ପ୍ରତିକାର କରିବା ମଧ୍ୟ ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ । ତେଣୁ ଗଣତନ୍ତ୍ରରେ ନାଗରିକମାନଙ୍କର ଅଭିଯୋଗ ଶୁଣାଣି କରି ସେଗୁଡ଼ିକର ପ୍ରତିକାର କରାଯିବା ପାଇଁ ବ୍ୟବସ୍ଥା ରହିଅଛି ।

### ଏହି ପାଠର ଲକ୍ଷ୍ୟ ବା ଉଦ୍ଦେଶ୍ୟ

ଏହି ପାଠଟି ପଢ଼ି ସାରିବା ପରେ ତୁମେ ଜାଣି ପାରିବ :

- ଗଣତନ୍ତ୍ରରେ ସର୍ବସାଧାରଣଙ୍କର ଅଭିଯୋଗର ପ୍ରତିକାର ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ;
- ସର୍ବସାଧାରଣଙ୍କର ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନଙ୍କ ସମ୍ପର୍କରେ;
- ଲୋକପାଳ ଓ ଲୋକାୟୁକ୍ତଙ୍କ ଭୂମିକା ସମ୍ପର୍କରେ;
- କେନ୍ଦ୍ରୀୟ ଦୁର୍ନୀତି ଆୟୋଗର ଭୂମିକା ଓ କାର୍ଯ୍ୟକାରିତା (Working) ସମ୍ପର୍କରେ ।

### ୩୬.୧ ଗଣତନ୍ତ୍ରରେ ସର୍ବସାଧାରଣ ନାଗରିକଙ୍କର ଅଭିଯୋଗର ପ୍ରତିକାର ବ୍ୟବସ୍ଥାର ଗୁରୁତ୍ୱ

ଭାରତପରି ବହୁ ବିକାଶୋନ୍ମୁଖୀ ରାଷ୍ଟ୍ରରେ ସରକାର ବହୁବିଧ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ନାଗରିକମାନଙ୍କୁ ସେବା ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ଓ ସରକାର ନିଜ ଅଧୀନରେ ଥିବା ବିଭିନ୍ନ ସଂସ୍ଥା ଜରିଆରେ ନାଗରିକମାନଙ୍କୁ ବହୁବିଧ ସେବା ଯୋଗାଇ ଦେଇଥା'ନ୍ତି ।

ଗୋଟିଏ ଛୋଟ ଉଦାହରଣ ନିଆଯାଉ । ସରକାରୀ କଂଟ୍ରୋଲ ଦୋକାନରୁ ଚିନି, ଚାଉଳ, ଗହମ ଆଣିବା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ଗୋଟିଏ ଲେଖାଏଁ ପଡ଼ି କାର୍ଡ଼ ବା ରେସନ୍ କାର୍ଡ଼ (Ration Card) ମିଳିଥାଏ । ଏହି ରେସନ୍ କାର୍ଡ଼ଟି ମଧ୍ୟ ସରକାର ଯୋଗାଇ ଦେଇଥାଆନ୍ତି । ମାତ୍ର ବହୁକ୍ଷେତ୍ରରେ ଅଭିଯୋଗ ହୁଏ ଯେ ପ୍ରଚଳିତ ସର୍ବସାଧାରଣ ଆବ[ନ ବ୍ୟବସ୍ଥା (Public Distribution System)



Notes



ଜରିଆରେ ସେବା ପ୍ରଦାନବ୍ୟବସ୍ଥା ସେପରି ଗୁଣାତ୍ମକ ନୁହେଁ । ତଥାପି, ଜୀବନରେ ସମସ୍ତ ପ୍ରକାର ସେବା ଓ ସୁବିଧା ପାଇବା ପାଇଁ ନାଗରିକଙ୍କୁ ସରକାରୀ ସଂସ୍ଥା ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ଏହା ଏକ ସାଧାରଣ ଅନୁଭୂତି ଯେ, ବିଭିନ୍ନ ସରକାରୀ ସଂସ୍ଥାରୁ ସେବା ପାଇବା ପାଇଁ ନାଗରିକଙ୍କୁ ବହୁତ କଷ୍ଟ ସହିବାକୁ ପଡ଼େ । ସରକାରୀ ନିୟମାବଳୀ ଓ ଅଧିନିୟମର ଆଧିକ୍ୟ ଯୋଗୁ ବହୁ ସମୟରେ ସଠିକ୍ ସେବା ମିଳିବାରେ ଅହେତୁକ ବିଳମ୍ବ ଘଟେ । ସରକାରୀ ଯାତ୍ରୀବାହୀ ବସ୍ ଠିକ୍ ସମୟରେ ଯାତାୟତ କରେ ନାହିଁ । ରାସ୍ତାରେ ବସ୍ ଖରାପ ହୋଇଯାଏ । ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବହୁ ସମୟରେ ବ୍ୟାଙ୍କ୍ ସେବା, ପୋଲିସ୍ ସେବା ଓ ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥାରେ ଅଘଟଣ ଘଟେ ଓ ସରକାରୀ ସଂସ୍ଥାର ସହଯୋଗ ମିଳେ ନାହିଁ । ସର୍ବସାଧାରଣ ହନ୍ତସନ୍ତ ହୁଅନ୍ତି । ସରକାରୀ ଦପ୍ତରରେ ବିଳମ୍ବ, ନିର୍ଯ୍ୟାତନା ଓ ସରକାରୀ କର୍ମଚାରୀଙ୍କର ଅସହଯୋଗ ମନୋଭାବ ଯୋଗୁଁ ସରକାର ନିନ୍ଦିତ ହୋଇଥାଆନ୍ତି ଏବଂ ସରକାରଙ୍କର ବିଫଳତାର ପରିପ୍ରକାଶ ଘଟେ । ଏକଥା ସତ୍ୟ ଯେ ସରକାରଙ୍କ ଜନହିତକର ସେବାର ପରିସର ଯଥେଷ୍ଟ ବେଶୀ । ତେଣୁ ସରକାରୀ କଳ ସମସ୍ତ ସେବା ନାଗରିକମାନଙ୍କୁ ଠିକ୍ ସମୟରେ ଯୋଗାଇ ଦେଇ ପାରନ୍ତି ନାହିଁ । ଫଳରେ ଜନ-ଅସନ୍ତୋଷ ବୃଦ୍ଧିପାଏ । ସବୁଠାରୁ ଅଧିକ ନିର୍ଯ୍ୟାତିତ ହୁଏ ଦରିଦ୍ର ତଥା ନିରୀହ ଗ୍ରାମବାସୀଟିଏ । ତା'କଥା କେହି ଶୁଣନ୍ତି ନାହିଁ । ସରକାରୀ ସେବା ମଧ୍ୟ ତାକୁ ଠିକ୍ ସମୟରେ ମିଳେ ନାହିଁ । ଫଳରେ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁଫଳ ନାଗରିକମାନଙ୍କୁ ମିଳେ ନାହିଁ । ଗଣତନ୍ତ୍ରରେ ସାଧାରଣ ନାଗିରକଟିଏ ଚାହେଁ ସହାନୁଭୂତି ସମ୍ପନ୍ନ, ଭଦ୍ରୋଚିତ ଓ ସାହାଯ୍ୟକାରୀ ତଥା ସେବା ପ୍ରଦାନକାରୀ ପ୍ରଶାସନ । ପ୍ରଶାସନରେ ଅବ୍ୟବସ୍ଥା ଉପୁଜିଲେ, ଜନସେବା ପ୍ରଦାନରେ ବ୍ୟତିକ୍ରମ ଘଟେ ଓ ନାଗରିକ ଠିକ୍ ସମୟରେ ସେବା ପାଇବାରୁ ବଂଚିତ ହୁଏ । ତେଣୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅନ୍ୟ ଏକ ଲକ୍ଷଣ ହେଲା ଜନସେବା ପ୍ରଦାନରେ ଖିଲାପ କରୁଥିବା ପ୍ରଶାସନ ବିରୁଦ୍ଧରେ ଅଭିଯୋଗର ଶୁଣାଣି କରିବା ସହିତ ଉକ୍ତ ଅଭିଯୋଗର ପ୍ରତିକାର ବ୍ୟବସ୍ଥା କରିବା । ପ୍ରଶାସନିକ ସଂସ୍କାର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ତଥା ସେବାଭତ୍ତିକ କରିବା ଉଦ୍ଦେଶ୍ୟରେ **'ପ୍ରଶାସନିକ ସଂସ୍କାର ଆୟୋଗ'** (୧୯୬୬) ନିମ୍ନମତେ ନିଜର ମତାମତ ରଖିଥିଲେ । ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ଓ ତତ୍ ସମ୍ପର୍କିତ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଆୟୋଗର ସୁଚିନ୍ତିତ ପରାମର୍ଶ ବେଶ୍ ଉତ୍ସାହଜନକ । ଆୟୋଗଙ୍କ ମତରେ, "ଯେତେବେଳେ ଜଣେ ନାଗରିକ ଉପଯୁକ୍ତ ସେବା ପାଇବାରେ ଅସମର୍ଥ ହୁଏ ଓ ନିଜର ଅଭିଯୋଗ ସାବ୍ୟସ୍ତ କରେ, ସେତେବେଳେ ସେହି ଅଭିଯୋଗର ଶୁଣାଣି କରି ତାହାର ସମୁଚିତ ପ୍ରତିକାର କରିବା ହେଉଛି ରାଷ୍ଟ୍ର ତଥା ସରକାରଙ୍କର ମୁଖ୍ୟ ଦାୟିତ୍ୱ । ସେଥିପାଇଁ ଜରୁରୀ ଅଟେ ଏପରିକି ଏକ ସଂସ୍ଥା ବା ଅନୁଷ୍ଠାନ ଜରୁରୀ ଅଟେ ଯାହା ଉପରେ ସାଧାରଣ ନାଗରିକଙ୍କର ବିଶ୍ୱାସ ରହିବ ଯେ ସେହି ସଂସ୍ଥା ବା ଅନୁଷ୍ଠାନ ସ୍ୱଳ୍ପ ବ୍ୟୟରେ ଏବଂ ତୁରନ୍ତ / ଯଥାଶୀଘ୍ର ନ୍ୟାୟ ପ୍ରଦାନ କରିପାରିବ ।"

## ୩୬.୨ ଅଭିଯୋଗର ଶୁଣାଣି ଓ ତାହାର ପ୍ରତିକାର ବ୍ୟବସ୍ଥା ସମ୍ପର୍କିତ ସଂସ୍ଥା :

ପ୍ରଶାସନିକ ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ଓ ଜନସାଧାରଣଙ୍କର ଅଭିଯୋଗର ପ୍ରତିକାର କରିବା ପାଇଁ ପ୍ରଚଳିତ ନିୟମାବଳୀରେ ଏବଂ ତଥା ଏହି ନିୟମାବଳୀକୁ କାର୍ଯ୍ୟକାରୀ କରାଇବା ପ୍ରକ୍ରିୟାକୁ ସରଳୀକରଣ ପରିବର୍ତ୍ତନ କରିବା ପାଇଁ ସର୍ବଦା ସହମତି ପ୍ରକାଶ ପାଇଅଛି ଓ ଏହାର ଆବଶ୍ୟକତା ସମସ୍ତେ ହୃଦୟଙ୍ଗମ କଲେଣି । ଏତଦ୍ ବ୍ୟତୀତ ପୃଥିବୀର ଅନ୍ୟ ଦେଶମାନଙ୍କରେ ମଧ୍ୟ ଏପରି ସ୍ୱାଧୀନ ତଥା ନିରପେକ୍ଷ ଅନୁଷ୍ଠାନ ବା ସଂସ୍ଥା ଗଠନ କରାଯାଇ ସାରିଲାଣି ଓ ସେହି ଅନୁଷ୍ଠାନ ବା ସଂସ୍ଥାଗୁଡ଼ିକ ସଫଳତାର ସହିତ କାର୍ଯ୍ୟରତ ଅଛନ୍ତି ।

ସାଧାରଣ ନାଗରିକଙ୍କର ଅଭିଯୋଗର ପ୍ରତିକାର ପାଇଁ ଉଦ୍ଦିଷ୍ଟ ସଂସ୍ଥା ବା ଅନୁଷ୍ଠାନ ଯଥା **'ଅମ୍ବୁସ୍‌ମ୍ୟାନ୍'** (OMBUDSMAN) ପ୍ରଥମେ ଜନ୍ମ ନିଏ ସ୍କାଣ୍ଡିନେଭିଆନ୍ ରାଷ୍ଟ୍ରରେ । ପ୍ରଥମ କରି ୧୮୦୯ ମସିହାରେ





'ଅମ୍ବୁସ୍‌ମ୍ୟାନ୍' ଜନ୍ମ ନେଲା ସ୍ୱିଡ଼େନ୍‌ରେ ଓ ପରେ ପରେ ୧୯୦୯ ମସିହାରେ ଫିନ୍‌ଲ୍ୟାଣ୍ଡରେ । ଡେନ୍‌ମାର୍କରେ ଏହା ଜନ୍ମ ନିଏ ୧୯୫୫ ମସିହାରେ । ସେହିସପରି ନରୱେ ଓ ନିଉଜିଲ୍ୟାଣ୍ଡରେ 'ଅମ୍ବୁସ୍‌ମ୍ୟାନ୍' ପ୍ରଥା ପ୍ରଚଳିତ ହୁଏ ୧୯୬୨ ମସିହାରେ । ବିଲାତରେ ୧୯୬୭ ମସିହାରେ ଗଠିତ ହୁଏ 'ପ୍ରଶାସନ ପାଇଁ ସଂସଦୀୟ କମିଶନର (Parliamentary Commissioner for Administration) । ଅଦ୍ୟାବଧି ପୃଥିବୀର ବହୁତ ରାଷ୍ଟ୍ରରେ "ଅମ୍ବୁସ୍‌ମ୍ୟାନ୍" ପରି ସଂସ୍ଥା କାର୍ଯ୍ୟ କରି ଆସୁଅଛି ।

ଅମ୍ବୁସ୍‌ମ୍ୟାନ୍ (Ombudsman) ଏକ 'ସ୍ୱିଡ଼ିସ୍' (Swedish) ଶବ୍ଦ । ଏହା ଏକ ସଂସ୍ଥା, ଅନୁଷ୍ଠାନର ନାମ, ଯାହା ବ୍ୟବସ୍ଥାପିକା ସହ (Legislature) ଦ୍ୱାରା ନିଯୁକ୍ତ ଓ ଯାହାର ମୁଖ୍ୟ କାର୍ଯ୍ୟ ହେଲା, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ବିରୁଦ୍ଧରେ ନାଗରିକମାନଙ୍କର ଅଭିଯୋଗଗୁଡ଼ିକର ଶୁଣାଣି କରିବା ଓ ତାହାର ପ୍ରତିକାର ବ୍ୟବସ୍ଥା କରିବା । ଏହା ଏକ ନିରପେକ୍ଷ ତଦନ୍ତକାରୀ ସଂସ୍ଥା, ଯାହାର ମୁଖ୍ୟ କାମ ହେଲା, — (କ) ଅଭିଯୋଗ ଗୁଡ଼ିକର ନିରପେକ୍ଷ ତଦନ୍ତ କରିବା, (ଖ) ତଦନ୍ତ ଜରିଆରେ ଅଭିଯୋଗର ବାସ୍ତବତା ନିରୂପଣ କରିବା ଏବଂ (ଗ) ବ୍ୟବସ୍ଥାପିକା ସହ (ବିଧାନମଣ୍ଡଳ) ର ଅବଗତି ନିମନ୍ତେ ସେଠାକୁ ରିପୋର୍ଟ ପ୍ରେରଣ କରିବା । ସାଧାରଣ ନାଗରିକଙ୍କର ଦାୟିତ୍ୱ ହେଲା ଭୁଲ୍ ପ୍ରଶାସନିକ ନିଷ୍ପତ୍ତି ବିରୁଦ୍ଧରେ ଅମ୍ବୁସ୍‌ମ୍ୟାନ୍ ନିକଟରେ ଅଭିଯୋଗ ପତ୍ର ଦାଖଲ କରିବା । ଅମ୍ବୁସମ୍ୟାନ୍ ପ୍ରଥାର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧିପାଇବାର କାରଣ ହେଲା ଏହାର କାର୍ଯ୍ୟପ୍ରଣାଳୀ ଅତ୍ୟନ୍ତ ସରଳ ଓ ତ୍ୱରାନ୍ୱିତ । ଏହି ବ୍ୟବସ୍ଥା ମଧ ବ୍ୟୟବହୁଳ ନୁହେଁ ଓ ସ୍ୱଳ୍ପ ବ୍ୟୟରେ ନାଗରିକଙ୍କର ଅଭିଯୋଗର ପ୍ରତିକାର ବ୍ୟବସ୍ଥା କରାଯିବାରେ ଏହା ଏକ ଅଭିନବ ପ୍ରୟାସ ।

ଯେତେବେଳେ ନାଗରିକ ବା ଉପଭୋକ୍ତା (Consumer) ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହୁଏ ବା ଠିକ୍ ସମୟରେ ସେବା ପାଏ ନାହିଁ ବା ସେବା ପାଇବାରେ ଅନିୟମିତତା ଉପଲବ୍ଧି କରେ, ସେତେବେଳେ ସେ ଆଶ୍ରୟ ନିଏ **'ଉପଭୋକ୍ତା ସୁରକ୍ଷା ଆଇନ'** (Consumer Protection Act)ର, ଯାହା ଆମ ଦେଶରେ ୧୯୮୬ ମସିହାରେ ପ୍ରଣୟନ କରାଯାଇଛି । ଆମ ରାଜ୍ୟରେ ଗଠିତ ହୋଇଥିବା **'ଉପଭୋକ୍ତା ଅଦାଲତ'** ଜରିଆରେ ଖାଉଟି ବା ଉପଭୋକ୍ତାମାନଙ୍କର ଅଭିଯୋଗ କ୍ରମେ ସେବା ପ୍ରଦାନରେ ଖିଲାପ କରୁଥିବା ସଂସ୍ଥା / ଅନୁଷ୍ଠାନ ବା ଅସାଧୁ ବ୍ୟବସାୟୀ ଦଣ୍ଡିତ ହେଉଛନ୍ତି । ଫଳରେ ଅସାଧୁ ଓ ଠକ ମନୋବୃତ୍ତି ଥିବା ସଂସ୍ଥାର ଶୋଷଣରୁ ଉପଭୋକ୍ତା ବା ଖାଉଟିଙ୍କୁ ସୁରକ୍ଷା ମିଳିପାରୁଛି । ଏହା ଏକ ପ୍ରଶଂସନୀୟ ପଦକ୍ଷେପ ।

ଏବେ ଆଲୋଚନା କରିବା **'ନାଗରିକଙ୍କର ସୂଚନା ଅଧିକାର'** କଥା । ୨୦୦୫ ମସିହାରେ ପ୍ରଣୀତ **'ସୂଚନା ଅଧିକାର ଆଇନ'** ଏବେ ଆମ ଦେଶରେ କାର୍ଯ୍ୟକାରୀ ହେଉଛି । ଏହି ଆଇନ ବଳରେ ପ୍ରତ୍ୟେକ ନାଗରିକଙ୍କୁ ସୂଚନା ପାଇବାର ଅଧିକାର ମିଳିଛି । ନିଜର ଅଭିଯୋଗ ସାବ୍ୟସ୍ତ କରିବା ପାଇଁ ଓ ତାହାର ପ୍ରତିକାର ଦାବିକରିବାର ଅଧିକାର ପ୍ରତ୍ୟେକ ନାଗରିକର ରହିଛି ଓ ଏହା ମଧ ସରକାରଙ୍କର ଏକ କର୍ତ୍ତବ୍ୟ ଯେ ନାଗରିକଙ୍କୁ ତାଙ୍କର ଅଭିଯୋଗର ପ୍ରତିକାର ମିଳିବ ।

### ଭାରତରେ ପ୍ରଚଳିତ ଅଭିଯୋଗ ପ୍ରତିକାର ବ୍ୟବସ୍ଥା :

ଅତୀତରେ, ବିଭିନ୍ନ ସମୟରେ, ଏକାଧିକ କମିଟି ଓ ଆୟୋଗ ସେମାନଙ୍କର ସୁଚିନ୍ତିତ ପରାମର୍ଶ ମାଧମରେ ଏକଥା ସୂଚିତ କରିଛନ୍ତି ଯେ ନାଗରିକଙ୍କର ଅଭିଯୋଗର ଶୁଣାଣି କରି, ସେଗୁଡ଼ିକର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଭାରତରେ ସ୍ୱତନ୍ତ୍ର ସଂସ୍ଥା ଗଠନ କରାଯିବା ଉଚିତ ।

ସେହି ମର୍ମରେ କେତେକ ଦୃଷ୍ଟାନ୍ତକୁ ଆମର ଆଲୋଚନାର ପରିସରଭୁକ୍ତ କରାଯାଇପାରେ । ପ୍ରଥମ ଉଦାହରଣଟି ନିଆଯାଉ; ତାହା ହେଲା ନ୍ୟାୟିକ ପ୍ରତିକାର । ଯଦି କୌଣସି ସରକାରୀ କର୍ମଚାରୀ ନିଜର



Notes

କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ଯଦି କୌଣସି ନାଗରିକଙ୍କ ପ୍ରତି ଅନ୍ୟାୟ ପ୍ରଦର୍ଶନ କରନ୍ତି, ତେବେ ସେହି ନାଗରିକ ନ୍ୟାୟାଳୟରେ ଅଭିଯୋଗ ଫର୍ଦ୍ଦ ଦାୟର କରି ନ୍ୟାୟାଳୟ ମାଧ୍ୟମରେ ପ୍ରତିକାର ଲୋଡ଼ି ପାରିବ ।

ସେହିପରି ରହିଛନ୍ତି ଏକାଧିକ ପ୍ରଶାସନିକ ପ୍ରାଧିକରଣ ବା ଟ୍ରିବ୍ୟୁନାଲ (Administrative Tribunal) ଯାହାର ମୁଖ୍ୟ କାର୍ଯ୍ୟ ହେଲା, ଅଭିଯୋଗକାରୀ ନାଗରିକଙ୍କୁ ସ୍ୱଳ୍ପ ବ୍ୟୟରେ ତୁରନ୍ତ ନ୍ୟାୟ ପ୍ରଦାନ କରିବା । ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଛନ୍ତି ଆୟକର ଆବେଦନ ଟ୍ରିବ୍ୟୁନାଲ୍, ଶ୍ରମ ଟ୍ରିବ୍ୟୁନାଲ୍ ଓ ସେହିପରି ଅନ୍ୟ କେତେ ।

ଦ୍ୱିତୀୟରେ ରହିଛି ସଂସଦରେ ତଥା ବିଧାନ ମଣ୍ଡଳରେ ପ୍ରଚଳିତ 'ପ୍ରଶ୍ନୋତ୍ତର' (Question Hour) କାର୍ଯ୍ୟକ୍ରମ ବ୍ୟବସ୍ଥା । ପ୍ରଚଳିତ ବ୍ୟବସ୍ଥାନୁସାରେ ସଂସଦର ଉଭୟସଦନରେ ବ୍ୟବସ୍ଥା ରହିଛି ପ୍ରଶ୍ନୋତ୍ତର ସମୟର । ପ୍ରଶ୍ନୋତ୍ତର କାଳରେ ପ୍ରତ୍ୟେକ ସାଂସଦଙ୍କର ତଥା ବିଧାୟକଙ୍କର ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେଇଥାନ୍ତି ବିଭାଗୀୟ ମନ୍ତ୍ରୀ । ଏହି ଉତ୍ତର ପ୍ରଦାନ ମାଧ୍ୟମରେ ନାଗରିକମାନଙ୍କର ଅଭିଯୋଗଗୁଡ଼ିକର ପ୍ରତିକାର ବ୍ୟବସ୍ଥା ସରକାର କରିଥାନ୍ତି ବା ପ୍ରତିକାର କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥା'ନ୍ତି । ଏହା ବ୍ୟତୀତ ରହିଛି ଏକ **'ସଂସଦୀୟ କମିଟି'** – ଯାହାର ନାମ ହେଲା "ସଂସଦୀୟ ଆବେଦନ ବା ପେଟିସନ୍ କମିଟି" । ଏହି ବ୍ୟବସ୍ଥା ଅନୁସାରେ ଯେ କୌଣସି ଭାରତୀୟ ନାଗରିକ ସଂସଦୀୟ ଆବେଦନ ବା ପେଟିସନ୍ କମିଟି ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରି ତାହାର ପ୍ରତିକାର ପାଇଁ ନିବେଦନ କରିପାରିବେ ।

ଏହା ସତ୍ୟ ଯେ, ସଂସଦ ଓ ବିଧାନମଣ୍ଡଳ ଚାହିଁଲେ ନାଗରିକମାନଙ୍କର ଅଭିଯୋଗର ପ୍ରତିକାର ପାଇଁ ସୁବ୍ୟବସ୍ଥା କରିପାରିବେ, ହେଉ ପଛେ ବହୁ ବିଳମ୍ବରେ ।

ତୃତୀୟରେ ରହିଛି **ବିଭାଗୀୟ ଏବଂ ନ୍ୟାୟିକ ତଦନ୍ତ କମିଟି** ଗଠନ ବ୍ୟବସ୍ଥା । ପ୍ରଚଳିତ ତଦନ୍ତ ଆଇନର ବ୍ୟବସ୍ଥାନୁସାରେ, ସର୍ବସାଧାରଣଙ୍କର ଅଭିଯୋଗର ପ୍ରତିକାର ପାଇଁ ସରକାର ଚାହିଁଲେ ବିଭାଗୀୟ ତଦନ୍ତ କମିଟି ବା ନ୍ୟାୟିକ ତଦନ୍ତ କମିଟି ଗଠନ କରି ପାରିବେ ଓ ତଦନ୍ତ କମିଟିର ପରାମର୍ଶମତେ ବିହିତ ପ୍ରତିକାର ବ୍ୟବସ୍ଥା କରିବେ । ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ତଥା ଜନସ୍ୱାର୍ଥ ଜନିତ ଅଭିଯୋଗ ଆସିଲେ ବା କୌଣସି ବଡ଼ ଧରଣରର ଅଘଟଣ ଘଟିଲେ, ନାଗରିକଙ୍କ ଦାବି ତଥା ବିରୋଧୀଦଳର ଅଭିଯୋଗକୁ ଭିତ୍ତିକରି ସରକାର ତଦନ୍ତ କମିଟିମାନ ଗଠନ କରିଥାନ୍ତି । ଅବଶ୍ୟ, ତଦନ୍ତ କମିଟିର ରିପୋର୍ଟ ମିଳିବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଅଭିଯୋଗର ପ୍ରତିକାର ବ୍ୟବସ୍ଥା ବିଳମ୍ବିତ ହୋଇଥାଏ ଓ ନ୍ୟାୟ ମିଳିବାରେ ବିଳମ୍ବ ହୋଇଥାଏ ।

ଚତୁର୍ଥରେ ରହିଛି **ବିଭାଗୀୟ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ।** ସରକାରଙ୍କ ନିର୍ଦ୍ଦେଶମତେ, ପ୍ରତି ବିଭାଗରେ ରହିଛି **ଅଭିଯୋଗ ଶୁଣାଣି ପ୍ରକୋଷ୍ଠ** ଓ ସପ୍ତାହର ଗୋଟିଏ ଦିନ (ଏବେ ରହିଛି ପ୍ରତି ସୋମବାର), ବିଭାଗୀୟ ଦପ୍ତରର ମୁଖ୍ୟ, ନାଗରିକମାନଙ୍କଠାରୁ ଲିଖିତ ଅଭିଯୋଗ ଗ୍ରହଣ କରି, ତାହାର ଶୁଣାଣି କରନ୍ତି ଓ ବିହିତ ପ୍ରତିକାର ବ୍ୟବସ୍ଥା କରିଥାନ୍ତି । ସେହିପରି ଜିଲ୍ଲା, ଉପଖଣ୍ଡ, ତହସିଲ୍ ଓ ବ୍ଲକ୍ ସ୍ତରରେ ଅଭିଯୋଗ ଶୁଣାଣି ପାଇଁ ଅଭିଯୋଗ ପ୍ରକୋଷ୍ଠମାନ କାର୍ଯ୍ୟ କରୁଅଛି ।

ସେହିପରି ଅଭିଯୋଗ ଦାୟର କରିବାର ବ୍ୟବସ୍ଥା ରହିଛି, ସରକାରୀ ଚିକିତ୍ସାଳୟରେ, ରେଳ ଷ୍ଟେସନରେ, ବସ୍‌ଷ୍ଟାଣ୍ଡରେ । ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇଥିବା **'ଅଭିଯୋଗ ଦାୟର ବାକ୍ସ'** (Complaint Box) ରେ ସର୍ବସାଧାରଣ ନିଜର ଅଭିଯୋଗ ପତ୍ର ଦାଖଲ କରିପାରିବେ । ଏଥି ସହିତ ବ୍ୟବସ୍ଥା କରାଯାଇଛି **"ଉପଭୋକ୍ତା ଫୋରମ୍"**ର ସର୍ବସାଧାରଣ ନାଗରିକ ଉପଭୋକ୍ତା ଚାହିଁଲେ, **"ଉପଭୋକ୍ତା ଫୋରମ୍"** ନିକଟରେ ନିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିବେ ।

ଏ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଗଠନ କରାଯାଇଛି ଏକ ନୂତନ ମନ୍ତ୍ରାଳୟ ବା ବିଭାଗ ଯାହାର ନାମହେଲା **"ପ୍ରଶାସନିକ ସଂସ୍କାର ଏବଂ ସର୍ବସାଧାରଣ ଅଭିଯୋଗ ପ୍ରତିକାର ମନ୍ତ୍ରାଳୟ**



Notes

**ବା ବିଭାଗ"** । ଏହାର ମୁଖ୍ୟ ହେଉଛନ୍ତି ଜଣେ ମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ସହାୟତା ଯୋଗାଇଥାନ୍ତି ବିଭାଗୀୟ ସଚିବ ଏବଂ ବିଭାଗୀୟ ଅନ୍ୟ ପଦସ୍ଥ ଅଧିକାରୀମାନେ ।

୧୯୮୫ ମସିହାରେ ପ୍ରଣୀତ ପ୍ରଶାସନିକ ପ୍ରାଧିକରଣ ଆଇନ୍ (Administrative Tribunal Act) ଅନୁସାରେ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରାଯିବାର ବ୍ୟବସ୍ଥା ପ୍ରଶାସନିକ ପ୍ରାଧିକରଣ (ଟ୍ରିବ୍ୟୁନାଲ୍) ମାଧ୍ୟମରେ କରାଯାଇଅଛି ।

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀ ୩୬.୧

**ପ୍ର. ୧। ପ୍ରଦତ୍ତ ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ନିମ୍ନୋକ୍ତ ଶୂନ୍ୟସ୍ଥାନ ପୂରଣ କର ।**

(କ) ସରକାରଙ୍କ ଶାସନ ବ୍ୟବସ୍ଥା ବିରୁଦ୍ଧରେ ନାଗରିକମାନଙ୍କର ଅଭିଯୋଗର ଶୁଣାଣି ଓ ________ ଜରୁରୀ ଅଟେ । (ପ୍ରତିକାର / ତଦନ୍ତ)

(ଖ) ପ୍ରତ୍ୟେକ ________ ବ୍ୟବସ୍ଥାରେ ନାଗରିକମାନଙ୍କର ଅଭିଯୋଗର ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବା ଉଚିତ୍ । (ଗଣତନ୍ତ୍ର / ଏକଛତ୍ରବାଦ)

(ଗ) ________ ଅନୁଷ୍ଠାନ ପ୍ରଥମେ ସ୍କାଣ୍ଡିନେଭିଆ ଦେଶରେ ଆରମ୍ଭ ହୋଇଥିଲା ।

(ଆମ୍ବୁସ୍‌ମନ୍ୟାନ୍ / ଲୋକପାଳ)

(ଘ) ସରକାରୀ କର୍ମଚାରୀ କିମ୍ବା ସର୍ବସାଧରଣ ସଂସ୍ଥା ଦ୍ୱାରା କରାଯାଉଥିବା ବା ହେଉଥିବା ଅନୀତି ଓ ଅନ୍ୟାୟ ବିରୁଦ୍ଧରେ ଜଣେ ଭାରତୀୟ ନାଗରିକ ________ ଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ସହିତ ଓ ତାହାର ପ୍ରତିକାର ପାଇଁ ଆବେଦନ କରିପାରିବ । (ରାଷ୍ଟ୍ରପତି / ନ୍ୟାୟାଳୟ)

(ଙ) ________ ପ୍ରଶ୍ନୋତ୍ତର କାଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ପ୍ରତିନିଧି (ସାଂସଦ)ମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀ ସଂପର୍କିତ ଅସୁବିଧାଗୁଡ଼ିକ ଅଭିଯୋଗ ଜରିଆରେ ସଂସଦରେ ଉପସ୍ଥାପିତ କରିପାରିବେ । (ସଂସଦ / ନ୍ୟାୟାଳୟ)

(ଚ) ସର୍ବସାଧାରଣଙ୍କର ଅଭିଯୋଗ ଶୁଣିବା ପାଇଁ ଅଭିଯୋଗ ________ ଗଠନ କରାଯାଇଛି ।

(ଫୋରମ୍ / ବୁଥ୍)

## ୩୬.୩ ଲୋକପାଳ ଓ ଲୋକାୟୁକ୍ତ (Lokapal and Lokayukta)

ସର୍ବସାଧାରଣଙ୍କର ଅଭିଯୋଗର ଶୁଣାଣି ଓ ତା'ର ପ୍ରତିକାର ଲାଗି କରାଯାଇଥିବା ପୂର୍ବୋକ୍ତ ବ୍ୟବସ୍ଥାଗୁଡ଼ିକ ସେପରି ଫଳପ୍ରଦ ହୋଇପାରିଲା ନାହିଁ । ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ସଂସ୍କାର ଆୟୋଗ (୧୯୬୬ ମସିହା) ନିଜର ମତାମତ ନିମ୍ନମତେ ରଖିଛନ୍ତି —

"ଆମ ଦେଶର ସ୍ୱତନ୍ତ୍ରତା ଦୃଷ୍ଟିରୁ ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ଓ ତା'ର ପ୍ରତିକାର ପାଇଁ ଦୁଇଟି ସ୍ୱତନ୍ତ୍ର ସଂସ୍ଥା ଗଠନ ପାଇଁ ଆମେ ସହମତ ହୋଇଅଛୁ । ପ୍ରଥମଟି ହେଲା ପ୍ରଶାସନିକ ସ୍ତରରେ ମନ୍ତ୍ରୀ ତଥା ସଚିବଙ୍କ ବିରୋଧରେ ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ତଥା ପ୍ରତିକାର ପାଇଁ କେନ୍ଦ୍ର ଓ ରାଜ୍ୟସ୍ତରରେ ଏକ ସଂସ୍ଥାର ଗଠନ । ଦ୍ୱିତୀୟଟି ହେଲା କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରଶାସନିକ ବ୍ୟବସ୍ଥାରେ କର୍ମଚାରୀଙ୍କ ବିରୋଧରେ ସର୍ବସାଧାରଣଙ୍କର ଅଭିଯୋଗ ଓ ତାହାର ପ୍ରତିକାର ପାଇଁ ଅନ୍ୟ ଏକ ସଂସ୍ଥାର ଗଠନ । ଉଭୟ





ସଂସ୍ଥା କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକାର ନିୟନ୍ତ୍ରଣରୁ ସ୍ୱାଧୀନ ରହିବେ । "ପ୍ରଶାସନିକ ସଂସ୍କାର ଆୟୋଗ, ପ୍ରଥମ ସଂସ୍ଥାର ନାମ ରଖିଲେ **'ଲୋକପାଳ'** ଓ ଦ୍ୱିତୀୟ ସଂସ୍ଥାର ନାମ ରଖିଲେ **'ଲୋକାୟୁକ୍ତ'** ।

ସମସ୍ତ ପ୍ରଚେଷ୍ଟା ପରେ, ୨୦୧୩ ମସିହା ଡିସେମ୍ବର ମାସରେ ଲୋକପାଳ ଚିଠା ଆଇନ୍ ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରି ବିଧିବଦ୍ଧ ଆଇନରେ ପରିଣତ ହୋଇ ସାରିଲାଣି । ପ୍ରତ୍ୟେକ ରାଜ୍ୟ ସରକାର ଅସନ୍ତା ୩ମାସ ମଧ୍ୟରେ ଲୋକାୟୁକ୍ତ ଗଠନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଓ ଆଶା କରାଯାଏ ଯଥାଶୀଘ୍ର ପ୍ରତି ରାଜ୍ୟରେ ଲୋକାୟୁକ୍ତ ଗଠିତ ହେବ । ଯାହା ଅନୁମାନ ହୁଏ, ଭିନ୍ନ ଭିନ୍ନ ସମୟରେ, କେନ୍ଦ୍ରରେ ଶାସନରେ ଥିବା କଂଗ୍ରେସ ସରକାର ଓ ଅଣକଂଗ୍ରେସ ସରକାର ଏହି-ଆଇନକୁ ସଂସଦରେ ପ୍ରଣୀତ କରିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ସ୍ୱଚ୍ଛ ତଥା ସୁଶାସନ ପ୍ରତିଷ୍ଠା କରିବା ପାଇଁ ପ୍ରତିଜ୍ଞାବଦ୍ଧ ଥାଇ ସୁଦ୍ଧା ବିଭିନ୍ନ ସମୟରେ ଶାସନରେ ଥିବା କେନ୍ଦ୍ର ସରକାର ଲୋକପାଳ ଗଠନ ଦିଗରେ ବିଶେଷ ଆଗ୍ରହ ପ୍ରକାଶ କଲେ ନାହିଁ । ଏହାର ମୂଳ କାରଣ ଥିଲା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ । ଏଥି ସହିତ ସମ୍ପୃକ୍ତ ରହିଛି ଦୁଇଟି ବିଷୟ । ପ୍ରଥମଟି ହେଲା, ସଂସଦୀୟ ଗଣତନ୍ତ୍ରରେ ସଂସଦ ନିକଟରେ ମନ୍ତ୍ରିପରିଷଦ ଉତ୍ତରଦାୟୀ ରହୁଥିବାରୁ, ଅନ୍ୟ ଏକ ସ୍ୱତନ୍ତ୍ର ସଂସ୍ଥା (ଲୋକପାଳ) ନିକଟରେ ମନ୍ତ୍ରୀମାନଙ୍କୁ ଉତ୍ତରଦାୟୀ ରଖିବା ପାଇଁ ସେମାନଙ୍କର ଅନିଚ୍ଛା ମନୋଭାବ । ଦ୍ୱିତୀୟ କଥାଟି ହେଲା, ଲୋକପାଳଙ୍କର କ୍ଷମତା ପରିସର ସମ୍ପର୍କିତ ବିବାଦମାନ ପରିସ୍ଥିତି । ବିବାଦୀୟ ପ୍ରଶ୍ନଟି ହେଲା, ଲୋକପାଳ କେବଳ ପ୍ରଶାସନିକ ଦୁର୍ନୀତି ସମ୍ପର୍କିତ ଅଭିଯୋଗ କଥା ଶୁଣାଣି କରିବେ ନା ପ୍ରଶାସନିକ ସ୍ତରରେ ଥିବା ଅନୀତି ଓ ଅନ୍ୟାୟ ସମ୍ପର୍କିତ ନାଗରିକମାନଙ୍କର ଅଭିଯୋଗର ଶୁଣାଣି କରିବେ ? ଆଜିର ସାଧାରଣ ନାଗରିକ ଚାହେଁ ତା'ର ଛୋଟ ବଡ଼ ସବୁ ସମସ୍ୟାର ସମାଧାନ ଓ ଅଭିଯୋଗର ତୁରନ୍ତ ପ୍ରତିକାର, ଯାହା ପ୍ରଚଳିତ ପ୍ରଶାସନିକ ବ୍ୟବସ୍ଥାରେ ସମ୍ଭବ ହୋଇ ପାରୁନାହିଁ ବୋଲି ସାଧାରଣ ନାଗରିକ ଅସନ୍ତୋଷ ପ୍ରକାଶ କରୁଛି । ତେଣୁ ଜରୁରୀ ଥିଲା ଏପରି ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଗଠନର, ଯାହା ସରକାରୀ କଳର ନିୟନ୍ତ୍ରଣ ବାହାରେ ଥାଇ ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି କରି ପ୍ରତିକାର ବ୍ୟବସ୍ଥା କରିପାରିବ ।

**ଲୋକାୟୁକ୍ତ :**

ନିକଟ ଅତୀତରେ କେନ୍ଦ୍ରରେ ଲୋକପାଳ ଆଇନ ପ୍ରଣୀତ ହେବା ପୂର୍ବରୁ ଭାରତର କେତେ ରାଜ୍ୟରେ ଲୋକାୟୁକ୍ତ ସଂସ୍ଥା ଗଠନ କରାଯାଇଅଛି । ସେହି ରାଜ୍ୟ ଗୁଡ଼ିକ ହେଲା, ମହରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଓଡ଼ିଶା, ହିମାଚଳ ପ୍ରଦେଶ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ । ଏହି ରାଜ୍ୟଗୁଡ଼ିକରେ ଥିବା ଲୋକାୟୁକ୍ତ ଗୁଡ଼ିକ ପ୍ରଶାସନିକ ସଂସ୍କାର ଆୟୋଗର ପରାମର୍ଶ ଅନୁସାରେ ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରି ପ୍ରତିକାର ବ୍ୟବସ୍ଥା କରୁଅଛନ୍ତି । ମହାରାଷ୍ଟ୍ର ହେଉଛି ଭାରତର ପ୍ରଥମ ରାଜ୍ୟ, ଯେଉଁଠାରେ ୧୯୭୧ ମସିହାରେ ଲୋକାୟୁକ୍ତ ଗଠନ କରାଯାଇଅଛି । ଅନ୍ୟ ରାଜ୍ୟରେ ପ୍ରଣୀତ ଲୋକାୟୁକ୍ତ ଆଇନ ଗୁଡ଼ିକ ଉଣା ଅଧିକେ ମହାରାଷ୍ଟ୍ର ଢାଂଚାରେ ପ୍ରଣୟନ କରାଯାଇଛି । ମହାରାଷ୍ଟ୍ରରେ ପ୍ରଚଳିତ ଆଇନର ବ୍ୟବସ୍ଥା ଅନୁସାରେ ମନ୍ତ୍ରୀ, ସଚିବ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଆସୁଥିବା ଅଭିଯୋଗଗୁଡ଼ିକର ଶୁଣାଣି କରିବା ଦାୟିତ୍ୱ ଲୋକାୟୁକ୍ତଙ୍କୁ ପ୍ରଦାନ କରାଯାଇଛି । ନ୍ୟାୟମୂର୍ତ୍ତି ପି.କେ. ପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ଏକ ଲୋକପାଳ ବର୍ତ୍ତମାନ ନିଜର ଦାୟିତ୍ୱ ତୁଲାଉ ଅଛନ୍ତି । ଯଥାଶୀଘ୍ର ଓଡ଼ିଶାରେ ଲୋକାୟୁକ୍ତ ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଓ ତତ୍ ସମ୍ପର୍କିତ ଆଇନ ଯଥାଶୀଘ୍ର ବିଧାନ ସଭାରେ ପାରିତ ହେବ । ମୁଖ୍ୟମନ୍ତ୍ରୀ ଓ ଅନ୍ୟମନ୍ତ୍ରୀମାନେ ଏହି ଆଇନ୍‌ର ପରିସରଭୁକ୍ତ ହେବେ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ନିଆଯାଇଅଛି ।

## ୩୬.୪ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ (Central Vigilance Commission) :

ଦେଶରେ ଘଟୁଥିବା ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ୧୯୬୨ ମସିହାରେ ଭାରତ ସରକାର ଏକ ଉଚ୍ଚଶକ୍ତି ସମ୍ପନ୍ନ କମିଟି ଗଠନ କରିଥିଲେ । ଏହି କମିଟିର ଅଧକ୍ଷ ଥିଲେ କେ. ସାନ୍ତାନମ୍ । ସାନ୍ତାନମ୍ କମିଟିର ପରାମର୍ଶ ମତେ କେନ୍ଦ୍ରରେ ଦୁର୍ନୀତି ନିବାରଣ ଆୟୋଗ ଓ ପ୍ରତି ରାଜ୍ୟରେ ଗୋଟିଏ ଲେଖାଁଏ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ଗଠନ କରାଯାଇଅଛି । ପ୍ରତି ସରକାରୀ ଉଦ୍ୟୋଗରେ ଜଣେ ଲେଖାଁଏ ଦୁର୍ନୀତି ନିବାରଣ ଅଧିକାରୀ (C.V.O.) ନିଯୁକ୍ତ ହୋଇଅଛନ୍ତି ।

ଭାରତରେ ସର୍ବୋଚ୍ଚ ଦୁର୍ନୀତି ନିବାରଣ ଅଧିକାରୀ ହେଲେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୁକ୍ତ (Central Vigilance Commissioner) । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ପାଇଁ ନିଯୁକ୍ତ ହୋଇଥାଆନ୍ତି ସତ, ମାତ୍ର ଅବସର ନେବା ପାଇଁ ଉଦ୍ଦିଷ୍ଟ ସର୍ବାଧିକ ବୟସ ସୀମା ୬୫ ବର୍ଷ ହୋଇଥିବାରୁ କେନ୍ଦ୍ରୀୟ ଦୁର୍ନୀତି ଆୟୁକ୍ତ ସର୍ବାଧିକ ଛଅବର୍ଷ ବା ସର୍ବାଧିକ ବୟସସୀମା, ୬୫ ବର୍ଷ (ଯାହା ଆଗ ଆସିବ) ପର୍ଯ୍ୟନ୍ତ ନିଜ ଦାୟିତ୍ୱ ତୁଲାଇବେ ।

କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ (C.V.C) ଏକ ସ୍ୱୟଂଶାସିତ ସଂସ୍ଥା ଓ ଏହା ଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ପରିସର ମଧ୍ୟରେ ଅବସ୍ଥିତ ।

ମୁଖ୍ୟ ଆୟୁକ୍ତଙ୍କ ସମେତ ଆୟୋଗରେ କାର୍ଯ୍ୟରତ ଅଛନ୍ତି ଜଣେ ସଚିବ, ଜଣେ ସ୍ୱତନ୍ତ୍ର-ପଦାଧିକାରୀ, ବିଭାଗୀୟ ତଦନ୍ତ ପାଇଁ ନିଯୁକ୍ତ ତିନିଜଣ ଆୟୁକ୍ତ, ଜଣେ ମୁଖ୍ୟ ବୈଷୟିକ ଆୟୁକ୍ତ (Technical Commissioner), ତିନିଜଣ ଅନୁଶାସନ ସଚିବ ଏବଂ ଛଅ ଜଣ ବୈଷୟିକ ଆୟୁକ୍ତ ।

କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗର କ୍ଷମତାର ପରିସର ଅନ୍ତର୍ଭୁକ୍ତ ଅଛନ୍ତି କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ସମସ୍ତ ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ଏବଂ ସମସ୍ତ କେନ୍ଦ୍ରୀୟ ନିଗମ ଯାହା କେନ୍ଦ୍ରସରକାର କାର୍ଯ୍ୟପାଳିକା କ୍ଷମତାର ପରିସରଭୁକ୍ତ । ମାତ୍ର କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟ ଓ ସାଂସଦମାନଙ୍କ ବିରୁଦ୍ଧରେ ଆଗତ ଦୁର୍ନୀତି ସମ୍ପର୍କିତ ଅଭିଯୋଗଗୁଡ଼ିକ ଉପରେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ କୌଣସି ତଦନ୍ତ କରିପାରିବ ନାହିଁ ।

**ଆୟୋଗର କାର୍ଯ୍ୟଶୈଳୀ :**

ସଂପୃକ୍ତ ପୀଡ଼ିତ ପକ୍ଷ (aggrieved party) କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୁକ୍ତ (CVC)ଙ୍କ ନିକଟରେ ନିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରନ୍ତି । ଦୁର୍ନୀତି ତଥା କୁଶାସନ (Maladministration) ଏବଂ ଅସଦାଚରଣ (Misconduct) ସଂପର୍କିତ ଅଭିଯୋଗଗୁଡ଼ିକ ମୁଖ୍ୟ ଆୟୁକ୍ତ ମଧ୍ୟ ଅନ୍ୟ ଉତ୍ସରୁ ପାଇଥାନ୍ତି ଓ ସେହି ଉତ୍ସ (Source) ଗୁଡ଼ିକ ହେଲା — ଗଣମାଧ୍ୟମରେ ପ୍ରସାରିତ ସମ୍ବାଦ, ହିସାବ-ନିରୀକ୍ଷକ (Auditor)ଙ୍କ ରିପୋର୍ଟ, ସଂସଦରେ ଚାଲୁଥିବା ଆଲୋଚନା ଓ ବିତର୍କ (Debate) ଓ ଅନ୍ୟାନ୍ୟ ମାଧ୍ୟମ । ସେହିପରି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ସମ୍ପର୍କିତ ଅଭିଯୋଗ ଗୁଡ଼ିକ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ପାଇବା ପରେ କେନ୍ଦ୍ରୀୟ ଆୟୋଗ ପଠାଇ ଦେଇଥାଆନ୍ତି ।

ଉପରୋକ୍ତ ପ୍ରକାରେ ଅଭିଯୋଗଗୁଡ଼ିକ ପାଇବା ପରେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୁକ୍ତ (CVC) ନିମ୍ନମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥା'ନ୍ତି ।

(କ) ସମ୍ପୃକ୍ତ ମନ୍ତ୍ରାଳୟ ବା ବିଭାଗ ଦ୍ୱାରା ଅଭିଯୋଗ ଉପରେ ଅଧିକ ତଦନ୍ତ କରାଯିବା ପାଇଁ ଅଭିଯୋଗ ଫର୍ଦ୍ଦଗୁଡ଼ିକୁ ସେଠାକୁ ପଠାଇ ଥାଆନ୍ତି ।







(ଖ) କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (C.B.I.) ଙ୍କ ପାଖକୁ ଅଧିକ ତଦନ୍ତ ପାଇଁ ଅଭିଯୋଗ ଫର୍ଦ୍ଦଗୁଡ଼ିକୁ ପଠାଇଥାଆନ୍ତି; ଏବଂ

(ଗ) କେନ୍ଦ୍ର ଗୋଇନ୍ଦା ସଂସ୍ଥା ମୋକଦମା ରୁଜୁ କରି ତଦନ୍ତ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥାଆନ୍ତି ।

ସମ୍ପୃକ୍ତ ବିଭାଗ ବା ମନ୍ତ୍ରାଳୟ ଅଭିଯୋଗପତ୍ର ପାଇବାପରେ କିପରି ତଦନ୍ତ ଜାରି ରଖିବେ, ସେ ସମ୍ପର୍କରେ ବିସ୍ତୃତ ଭାବରେ ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତ ନିର୍ଦ୍ଦେଶନାମା ଜାରି କରନ୍ତି ଓ ତଦନ୍ତ ପ୍ରକ୍ରିୟାରେ ସାଧୁତା, ସଙ୍କୋଚ ପଣିଆ ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ସମ୍ପୃକ୍ତ ବିଭାଗ ବା ମନ୍ତ୍ରାଳୟକୁ ବିହିତ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥାଆନ୍ତି ।

ଏତଦ୍‌ବ୍ୟତୀତ ମନ୍ତ୍ରାଳୟ ବା ବିଭାଗର କାର୍ଯ୍ୟଶୈଳୀ ଓ ନିରପେକ୍ଷତା ଏବଂ ସାଧୁତା ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ କେନ୍ଦ୍ରୀୟ ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତ ସମସ୍ତ ବିଭାଗ ବା ମନ୍ତ୍ରାଳୟରୁ ରିପୋର୍ଟ ଇତ୍ୟାଦି ମଗାଇ ସେଗୁଡ଼ିକୁ ନିରୀକ୍ଷା କରନ୍ତି । ଫଳରେ ମନ୍ତ୍ରାଳୟ ବା ବିଭାଗରେ କାର୍ଯ୍ୟରତ ଦୁର୍ନୀତିଗ୍ରସ୍ତ ପଦାଧିକାରୀଙ୍କ ଉପରେ ତୀକ୍ଷ୍ଣ ସତର୍କ ଦୃଷ୍ଟି ରଖାଯାଇଥାଏ ଓ ପ୍ରଶାସନ ଦୁର୍ନୀତିମୁକ୍ତ ହୋଇଥାଏ । ଆବଶ୍ୟକ ସ୍ଥଳେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ନିଜେ ତଦନ୍ତଭାର ନେଇଥା'ନ୍ତି ।

ମନ୍ତ୍ରାଳୟ ବା ବିଭାଗ ଓ ସରକାରୀ ଉଦ୍ୟୋଗମାନଙ୍କରେ ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ (C.V.O.) ମାନଙ୍କର ନିଯୁକ୍ତି କ୍ଷେତ୍ରରେ ମୁଖ୍ୟ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୁକ୍ତଙ୍କର ସ୍ୱତନ୍ତ୍ର ଭୂମିକା ରହିଛି । ସାଧାରଣତଃ ଏହି ଅଧିକାରୀମାନେ ନିଯୁକ୍ତ ହେବା ପୂର୍ବରୁ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୁକ୍ତଙ୍କ ସହିତ ପରାମର୍ଶ କରାଯାଇ ତାଙ୍କର ମତାମତ ନିଆଯାଇଥାଏ । ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ (C.V.O.) ମାନଙ୍କର କାର୍ଯ୍ୟକୁ ମୂଲ୍ୟାୟନ କରନ୍ତି ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତ (ସି.ଭି.ସି.) ଓ ତାଙ୍କର ମୂଲ୍ୟାୟନର ନିଷ୍କର୍ଷକୁ ଦୁର୍ନୀତି ନିବାରଣ ଅଧିକାରୀଙ୍କର ଚରିତ୍ର ପଞ୍ଜିକାରେ ଉଲ୍ଲେଖ କରାଯାଏ । ସର୍ବଶେଷରେ ଦୁର୍ନୀତି ନିବାରଣ ସଂସ୍ଥାର ପୁନର୍ଗଠନ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଦୁର୍ନୀତି ନିବାରଣ ଅଧିକାରୀ (C.V.O.) ମାନେ ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତଙ୍କ ନିରୀକ୍ଷା (Scrutiny) ପାଇଁ ତାଙ୍କ ପାଖକୁ ପଠାଇଥାନ୍ତି ।

ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତଙ୍କ ଭୂମିକା ବାସ୍ତବରେ ସୀମିତ, କାରଣ ଏହା ଏକ ବିଧି-ପ୍ରସୂତ ଆୟୋଗ (Statutory Commission) ନୁହେଁ । ଏହି ଆୟୋଗର ତଦନ୍ତ ପ୍ରକ୍ରିୟା ସମୟ ସାପେକ୍ଷ ତଥା ବିରକ୍ତିକର ହୋଇଥିବାରୁ ଜନସାଧାରଣ ଏହି ସଂସ୍ଥା ଉପରେ ବିଶେଷ ଗୁରୁତ୍ୱ ଆରୋପ କରନ୍ତି ନାହିଁ । ଏକଥା ସତ୍ୟ ଯେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ, 'ଅମ୍ବୁସ୍‌ମ୍ୟାନ୍' (Ombudsman) ସଂସ୍ଥାପରି ଗୁରୁତ୍ୱ ବହନ କରେ ନାହିଁ କିମ୍ବା ଏହି ସଂସ୍ଥା "ଅମ୍ବୁସ୍‌ମ୍ୟାନ୍" ସଂସ୍ଥାର ବିକଳ୍ପ ନୁହେଁ । ଏହାର ଗଠନ ପ୍ରକ୍ରିୟା ଅନୁଧ୍ୟାନ କଲେ, ଜଣାପଡ଼େ ଯେ, ଏହା କେବଳ ସରକାରଙ୍କର ଅମଲାତନ୍ତ୍ରୀ ବ୍ୟବସ୍ଥାର ଏକ ପରିବର୍ଦ୍ଧିତ ସଂସ୍କରଣ । ଆୟୋଗର କାର୍ଯ୍ୟପରିସର କେନ୍ଦ୍ର ସରକାରଙ୍କର ମନ୍ତ୍ରାଳୟର କ୍ରମବର୍ଦ୍ଧିଷ୍ଣୁ କ୍ଷମତା ପରିସର ଦ୍ୱାରା ଆବଦ୍ଧ ଓ ରାଜନୈତିକ ଚାପଗ୍ରସ୍ତ ମଧ୍ୟ ।

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀ - ୩୬.୨

**ପ୍ରଦତ୍ତ ବିକଳ୍ପ ମଧ୍ୟରୁ ସଠିକ୍ ବିକଳ୍ପ ଚୟନ କରି ଶୂନ୍ୟସ୍ଥାନ ପୂରଣ କର :**

(କ) ମନ୍ତ୍ରୀ ଓ ଶାସନସଚିବମାନଙ୍କ ବିରୁଦ୍ଧରେ ଆଗତ ଅଭିଯୋଗ ଗୁଡ଼ିକ ନିରୀକ୍ଷା କରିବା ପାଇଁ ________ ଓ ________ ନାମକ ଦୁଇଟି ସଂସ୍ଥାର ଗଠନ ପାଇଁ ପ୍ରଶାସନିକ ସଂସ୍କାର ଆୟୋଗ ସୁପାରିଶ କରିଥିଲା ।

(ଲୋକପାଳ / ଅମ୍ବୁସ୍‌ମ୍ୟାନ୍ / ଲୋକାୟୁକ୍ତ / ସଂସଦୀୟ କମିଟି)





(ଖ) ________ ରାଜ୍ୟରେ ଗୋଟିଏ ଲୋକାୟୁକ୍ତ ପ୍ରଥମେ ଗଠନ କରାଯାଇଥିଲା ।
(ମହାରାଷ୍ଟ୍ର/ତାମିଲନାଡୁ)

(ଗ) ________ କମିଟି କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ଗଠନ କରିବା ପାଇଁ ସୁପାରିଶ କରିଥିଲେ ।
(ସାନ୍ତାନମ୍ / ରାଧାକ୍ରିଷ୍ଣନ୍)

(ଘ) ସି.ଭି.ସି.ଙ୍କ ଭୂମିକା ________ । (ସୀମିତ / ଅସୀମ)

## ତୁମେ କ'ଣ ଶିଖିଲ ? What you have learnt ?

ସରକାରୀ କଳର କାର୍ଯ୍ୟକଳାପ ବିରୋଧରେ ନାଗରିକମାନଙ୍କର ଅଭିଯୋଗର ଶୁଣାଣି ଓ ତାହାର ପ୍ରତିକାର କରାଯିବା ନିତ୍ୟାନ୍ତ ଜରୁରୀ ଅଟେ । ନଚେତ୍, ନାଗରିକମାନେ ସରକାରଙ୍କ ନିକଟରୁ ସେମାନଙ୍କର ସମର୍ଥନ ଓ ଅନୁରକ୍ତି ପ୍ରତ୍ୟାହାର କରିବାକୁ ବାଧହେବେ । ତେଣୁ ଗଣତନ୍ତ୍ରରେ ନାଗରିକମାନଙ୍କର ଅଭିଯୋଗର ଶୁଣାଣି କରିବା ସହିତ ଅଭିଯୋଗଗୁଡ଼ିକର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯିବା ନିହାତି ଜରୁରୀ ଅଟେ । ଭାରତରେ ପ୍ରଚଳିତ ବ୍ୟବସ୍ଥାନୁସାରେ ଜଣେ ଭାରତୀୟ ନାଗରିକ, ନିଜର କର୍ତ୍ତବ୍ୟ ସମ୍ପାଦନରେ ଖିଲାପ କରୁଥିବା ସରକାରୀ ସଂସ୍ଥା ଓ କର୍ମଚାରୀଙ୍କ ବିରୋଧରେ ବା ନାଗରିକମାନଙ୍କ ପ୍ରତି ସେମାନେ ସମୁଚିତ ନ୍ୟାୟ ପ୍ରଦାନ କରୁନଥିଲେ, ତାହାର ପ୍ରତିକାର ପାଇଁ ନ୍ୟାୟାଳୟରେ ଆବେଦନ କରିପାରିବେ । ଏହାକୁ ନ୍ୟାୟିକ ପ୍ରତିକାର (Judicial remedy) କୁହାଯାଏ । ସେହିପରି ସଂସଦୀୟ ଆଲୋଚନା ଓ ବିତର୍କ ମାଧ୍ୟମରେ ଓ ପ୍ରଶ୍ନୋତ୍ତର (Question Hour) କାର୍ଯ୍ୟକ୍ରମ ମାଧ୍ୟମରେ ସାଂସଦମାନେ ସଂସଦରେ ନାଗରିକମାନଙ୍କ ତରଫରୁ ଅଭିଯୋଗମାନ ଆଗତ କରି ତାହାର ପ୍ରତିକାର ବ୍ୟବସ୍ଥା ପାଇଁ ଦାବି କରିଥାନ୍ତି । "ସଂସଦୀୟ ଆବେଦନ କମିଟି" ନିକଟରେ ବିଭିନ୍ନ ଅଭିଯୋଗମାନ ଆଗତ କରାଯାଇଥାଏ ସେ ଗୁଡ଼ିକର ପ୍ରତିକାର କରାଯିବା ପାଇଁ । ସେହିପରି, କର୍ତ୍ତବ୍ୟରେ ଖିଲାପ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଅଛି ।

୧୯୬୬ ମସିହାର ପ୍ରଶାସନିକ ସଂସ୍କାର ଆୟୋଗ ସୁପାରିଶ କଲେ ଯେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସ୍ତରରେ, ମନ୍ତ୍ରୀ ଓ ଶାସନ ସଚିବଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ଶୁଣାଣି ଓ ତାହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଯଥାକ୍ରମେ ଲୋକପାଳ ଓ ଲୋକାୟୁକ୍ତ ଗଠନ କରାଯିବ; ଆଶା କରାଯାଏ ଅତିଶୀଘ୍ର ଲୋକପାଳ ଓ ଲୋକାୟୁକ୍ତ କେନ୍ଦ୍ରରେ ଓ ରାଜ୍ୟମାନଙ୍କରେ ଯଥାକ୍ରମେ ଗଠିତ ହୋଇଯିବ । ୨୦୧୩ ମସିହା ଡିସେମ୍ବର ମାସରେ ଲୋକପାଳ ଚିଠା ଆଇନ ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ଆଇନରେ ପରିଣତ ହୋଇଛି । ତେବେ ବର୍ତ୍ତମାନ କେନ୍ଦ୍ରରେ ଗୋଟିଏ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ (C.V.C.) ଗଠିତ ହୋଇଅଛି, ଯାହାର ମୁଖ୍ୟ ହେଉଛନ୍ତି, ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତ । ତାଙ୍କର ମୁଖ୍ୟ ଦାୟିତ୍ୱ ହେଲା ଦୁର୍ନୀତି ନିବାରଣ ଲାଗି ଆବଶ୍ୟକ ପଦକ୍ଷେପ ନେବା ।

## ଦୀର୍ଘ ଉତ୍ତର ସମ୍ବଳିତ ପ୍ରଶ୍ନାବଳୀ (Terminal Exercises)

ପ୍ର. ୧। ଗଣତନ୍ତ୍ରରେ ସାଧାରଣ ଜନତାଙ୍କର ଅଭିଯୋଗ ଶୁଣାଣି ଓ ତାହାର ପ୍ରତିକାର ବ୍ୟବସ୍ଥା ଏତେ ଜରୁରୀ କାହିଁକି ?

ପ୍ର. ୨। ସର୍ବସାଧାରଣଙ୍କର ଅଭିଯୋଗର ପ୍ରତିକାର ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି ?

ପ୍ର. ୩। ଲୋକପାଳ ଓ ଲୋକାୟୁକ୍ତର ଭୂମିକା କ'ଣ ?

ପ୍ର. ୪। କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗର ଭୂମିକା କ'ଣ ?

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀର ଉତ୍ତର

**୩୬.୧** (କ) ପ୍ରତିକାର (ଖ) ଗଣତନ୍ତ୍ର (ଗ) ଲୋକପାଳ (ଘ) ନ୍ୟାୟାଳୟ (ଙ) ସଂସଦ (ଚ) ଫୋରମ୍

**୩୬.୨** (କ) ଲୋକପାଳ, ଲୋକାୟୁକ୍ତ, (ଖ) ମହାରାଷ୍ଟ୍ର, (ଗ) ସାନ୍ତାନାମ୍ (ଘ) ସୀମିତ

**ଦୀର୍ଘ ଉତ୍ତର ସମ୍ବଳିତ ପ୍ରଶ୍ନର ଉତ୍ତର ଲେଖିବା ପାଇଁ ସୂଚନା**

ପ୍ର. ୧। ୩୬.୩ ଅନୁଚ୍ଛେଦ ଦ୍ରଷ୍ଟବ୍ୟ

ପ୍ର. ୨। ୩୬.୪ ଅନୁଚ୍ଛେଦ ଦ୍ରଷ୍ଟବ୍ୟ

ପ୍ର. ୩। ୩୬.୫ ଅନୁଚ୍ଛେଦ ଦ୍ରଷ୍ଟବ୍ୟ

ପ୍ର. ୪। ୩୬.୬ ଅନୁଚ୍ଛେଦ ଦ୍ରଷ୍ଟବ୍ୟ

**ଅଧିକ ଜ୍ଞାନ ଆହରଣ ପାଇଁ ସୁପାରିଶ କରାଯାଇଥିବା ପାଠ୍ୟପୁସ୍ତକ :**

୧। ମୋହିତ ଭଟ୍ଟାଚାର୍ଯ୍ୟ – "ସାଧାରଣ ପ୍ରଶାସନ : ଗଠନ, ପ୍ରକ୍ରିୟା ଓ ଆଚରଣ (Public Administration, Structure, Process and Behaviour) – ୱାଲର୍ଡ଼ ପ୍ରେସ୍, ୧୯୮୭)

୨। ବିଦ୍ୟାଭୂଷଣ ଓ ବିଷ୍ଣୁ ଭଗବାନ – "ଭାରତୀୟ ପ୍ରଶାସନ" (Indian Administration), ଏସ୍. ଚାନ୍ଦ ଏଣ୍ଡ୍ କୋ (୧୯୭୪), ନୂଆଦିଲ୍ଲୀ ।

୩। ଅଭସ୍ଥି ଓ ମାହେଶ୍ୱରୀ – "ସାଧାରଣ ପ୍ରଶାସନ" (Public Administration), ଏଲ୍. ଏନ୍. ଅଗ୍ରୱାଲ୍ (୧୯୮୦), ଆଗ୍ରା ।

୪। ରୁମ୍‌କି ବସୁ – "ସାଧାରଣ ପ୍ରଶାସନ" : ଚିନ୍ତାଧାରା ଓ ତତ୍ତ୍ୱ, (Public Administration; Concepts & Theories) ନୂଆଦିଲ୍ଲୀ, ଷ୍ଟାର୍ଲିଂ ପବ୍ଲିଶର୍ସ୍ (୧୯୮୬) ।

❑❑❑